## ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 26-10-2021

ମୟୁରଭଞ୍ଜ(ଓଡିଶା) - :2021-10-26 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2021-10-27 | 2021-10-28 | 2021-10-29 | 2021-10-30 | 2021-10-31 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 31.0 | 31.0 | 31.0 | 31.0 | 30.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 22.0 | 22.0 | 22.0 | 21.0 | 21.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 85 | 82 | 70 | 65 | 70 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 59 | 61 | 55 | 48 | 42 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 7.8 | 10.4 | 9.5 | 8.9 | 7.1 |
| ପବନର ଦିଗ (ଡିଗ୍ରୀ) | 45 | 243 | 243 | 248 | 255 |
| ମେଘାଛନ (ଅକ୍ଟା) | 1 | 2 | 1 | 0 | 2 |

### ପାଣିପାଗ ସାରାଂଶ/ସତର୍କ:

ସ୍ୱଛ ରୁ ମୁଖ୍ୟତଃ ମେଘୁଆ ଆକାଶ ସହିତ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ନାହିଁ| ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୭.୧ ରୁ ୧୦.୪ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ | ସର୍ବାଧିକ ତାପମାତ୍ରା ୩୦.୦°C ରୁ ୩୧.୦°C ମଧ୍ୟରେ ହୋଇପାରେ | ସର୍ବନିମ୍ନ ତାପମାତ୍ରା ୨୧.୦°C ରୁ ୨୨.୦°C ମଧ୍ୟରେ ରହିପାରେ | ସକାଳେ ଆପେକ୍ଷିକ ଆଦ୍ରତା ୬୫ ରୁ ୮୫ ପ୍ରତିଶତ ମଧ୍ୟରେ ହୋଇପାରେ ଏବଂ ଅପରାହ୍ନରେ ୪୨ ରୁ ୬୧ ପ୍ରତିଶତ ମଧ୍ୟରେ ରହିପାରେ |

### ସାଧାରଣ ଉପଦେଶ:

ରବି ଫସଲ ଯଥା ଚିନାବାଦାମ, ମକା ଏବଂ ତୋରିଆ ଲଗାଇବା ପାଇଁ ମାଟିର ଆର୍ଦ୍ରତା ପର୍ଯ୍ୟାପ୍ତ ଅଟେ । ଏବେ ପନିପରିବା ଯଥା କୋବି ଜାତୀୟ ଫସଲ (ବନ୍ଧାକୋବି, ବିଳମ୍ବ କିସମ ଫୁଲକୋବି ଏବଂ ବ୍ରୋକଲି), ବାଇଗଣ, ଟମାଟୋ, ଲଙ୍କା ଏବଂ କ୍ୟାପ୍ସିକମ ଲଗାଇବାର ଅନୁକୂଳ ସମୟ ଅଟେ । ପନିପରିବା ଯଥା ଗାଜର, ମୂଳା, ବିଳମ୍ବ କିସମ ପିଆଜ, ରସୁଣ ଆଦି ଲଗାନ୍ତୁ । ଅକ୍ଟୋବର ମାସ ଗୋଲାପରେ କାଣ୍ଟଛାଣ୍ଟ କରିବାର ପ୍ରକୃଷ୍ଟ ସମୟ ଅଟେ । ଏହା ଦ୍ୱାରା ବହୁତ ସାରା ଫୁଲ ହେବା ସହିତ ଗଛକୁ ଗୋଟିଏ ଭଲ ଆକାର ମିଳିଥାଏ ଏବଂ ରୋଗ ପୋକର ମାତ୍ରା ମଧ୍ୟ କମିଥାଏ । ନର୍ସରୀରେ କୋବି ଜାତୀୟ ଫସଲ ୩ ରୁ ୪ ସପ୍ତାହ ହୋଇଯାଇଥିଲେ ତାକୁ ମୁଖ୍ୟ କିଆରୀରେ ଲଗାନ୍ତୁ । ବର୍ତ୍ତମାନ ବିନ୍ସ ଲଗାଇବାର ପ୍ରକୃଷ୍ଟ ସମୟ ।

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

ଧାନରେ ଚକଡା ପୋକ ଦମନ କରିବା ପାଇଁ ୩୦ ଗ୍ରାମ ବୁପ୍ରୋଫେଜିନ୍+ଆସେଫେଟ୍ କିମ୍ବା ୫ ଗ୍ରାମ ଡାଇନୋଟେଫୁରାନ୍ ପ୍ରତି ୧୫ ଲିଟର ପାଣିରେ ମିଶାଇ ସ୍ପ୍ରେ କରିବା ଲାଭଦାୟକ ହୋଇପାରେ |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ରୁଆ ଧାନ ବର୍ତମାନ ଗର୍ଭ ରୁ ମଞ୍ଜି ପାକଳ (୯ – ୧୩ ସପ୍ତାହ) ଅବସ୍ଥାରେ ଅଛି । ବୁଣା ଯାଇଥିବା ଧାନ ବର୍ତମାନ ମଞ୍ଜି ପୂରଣ ରୁ ଅମଳ ହେବା (୧୬ – ୧୭ ସପ୍ତାହ) ଅବସ୍ଥାରେ ଅଛି । ମଞ୍ଜି ପାଚିଲା ଅବସ୍ଥାରେ ଜମି ରୁ ଜଳ ନିଷ୍କାସନ କରନ୍ତୁ । ୮୦% ରୁ ଅଧିକ ମଞ୍ଜି ପାକଳ ହୋଇଗଲେ ଧାନ ଅମଳ କରନ୍ତୁ । ଧାନ ରେ କାଣ୍ଡ ବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଏକରକୁ ୬୦ ମିଲି Chlorantraniliprole ୧୮.୫ ଏସ.ସି. କିମ୍ବା ୪୦୦ଗ୍ରାମ Cartrap Hydrochloride ୫୦% ଏସ.ପି. କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏହି ପାଗରେ ଧାନରେ ମାଟିଆ ଗୁଣ୍ଡି ପୋକ ଲାଗିବାର ସମ୍ଭାବନା ଥିବାରୁ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏହି ମାଟିଆ ଗୁଣ୍ଡି ପୋକ ନିୟନ୍ତ୍ରଣ ପାଇଁ ଏକରକୁ ୬୦ଗ୍ରାମ flonicamide ୫୦% WG କିମ୍ବା ୪୦ ଗ୍ରାମ thiomethoxam ୨୫% WG ଔଷଧ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଧାନରେ ଆଛାଦ ପତ୍ରପୋଡା ରୋଗ ନିୟନ୍ତ୍ରଣ ପାଇଁ ଏକରକୁ ୪୦୦ ମିଲି Hexaconazole ୫% + Validamycin ୨.୫% SC ଏକ ଲିଟର ପାଣିରେ ୨ ମିଲି ହିସାବରେ କିମ୍ବା ୨୦୦ ମିଲି Propiconazole ୧୩.୯% + Difenconazole ୧୩.୯% EC ଏକ ଲିଟର ପାଣିରେ ୧ମିଲି ମିଶ୍ରିତ କବକ ନାଶକ ସିଂଚନ କରନ୍ତୁ। ବର୍ତମାନ ପାଣିପାଗ ଅବସ୍ଥାରେ ଚକଡା ପୋକ ଦେଖାଯାଇପାରେ । ଧାନରେ ଚକଡା ପୋକ ଦମନ କରିବା ପାଇଁ ପ୍ରତି ୮-୧୦ ଧାଡି ଅନ୍ତରରେ ଆଲି ରାସ୍ତା ତିଆରି କରନ୍ତୁ, ୩୦ ଗ୍ରାମ ବୁପ୍ରୋଫେଜିନ୍+ଆସେଫେଟ୍ କିମ୍ବା ୫ ଗ୍ରାମଡାଇନୋଟେଫୁରାନ୍ ପ୍ରତି ୧୫ ଲିଟର ପାଣିରେ ମିଶାଇ ସ୍ପ୍ରେ କରିବା ଲାଭଦାୟକ ହୋଇପାରେ । |
| ମକା | ମକା ବର୍ତମାନ ପାକଳ ରୁ ଅମଳ ହେବା ଅବସ୍ଥାରେ ଅଛି। ପାକଳ ମକା ଅମଳ କରି ଖରା ରେ ୪-୫ ଦିନ ପର୍ଯ୍ୟନ୍ତ ଶୁଖାନ୍ତୁ। |
| ମସୁର/ହରଡ଼ | ବୁଣା ଯାଇଥିବା ହରଡ ବର୍ତମାନ ଅଙ୍ଗୀୟ ବୃଦ୍ଧି ରୁ କଢ (୧୫ – ୧୭ ସପ୍ତାହ) ଅବସ୍ଥାରେ ଅଛି । ବର୍ତମାନ ଅବସ୍ଥାରେ ହରଡ ରେ ପାତ୍ର ମୋଡା ପୋକ ଲାଗିବାର ସମ୍ଭାବନା ଅଛି। ହରଡ ରେ ପାତ୍ର ମୋଡା ପୋକୋ ନିୟନ୍ତ୍ରଣ ପାଇଁ ଏକରକୁ ୪୦୦ ମିଲି ପ୍ରୋଫେନୋଫୋସ ୫୦% + ସାଇପରମେଥ୍ରିନ ୫% ଇସି କିମ୍ବା ୪୦୦ ମିଲି ପ୍ରୋଫେନୋଫୋସ ୫୦% ଇସି କୀଟନାଶକ ଔଷଧ କୁ ୨୦୦ ଲିଟର ପଣି ରେ ମିଶାଇ ସିଂଚନ କରନ୍ତୁ। |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଟମାଟର | ବିଲାତି ବାଇଗଣ ତଳି ବର୍ତମାନ ଗଜା ରୁ ଏକ ସପ୍ତାହ ଚାରା ଅବସ୍ଥାରେ ଅଛି। ବିଲାତି ବାଇଗଣ ଚାଷ ପାଇଁ ତଳିଘେରା ପ୍ରସ୍ତୁତ କରି ମଞ୍ଜି ବୁଣନ୍ତୁ । ବିଲାତି ବାଇଗଣ ର ଉନ୍ନତ କିସମ ଉତ୍କଳ ପ୍ରଜ୍ଞାନ, ଉତ୍କଳ ରାଜା, ଉତ୍କଳ କୁମାରୀ ଇତ୍ୟାଦି ତଳି ପକେଇବା ପାଇଁ ଏକର ପ୍ରତି ୨୦୦ଗ୍ରାମ ବିହନ ବ୍ୟବହାର କରନ୍ତୁ। ବିହନ ବୁଣିବା ପୂର୍ବରୁ ଏକ କିଲୋ ମଞ୍ଜି ରେ ୧ଗ୍ରାମ Bavistin ସହିତ ୨ ଗ୍ରାମ Thiram ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ । ଏକ ଏକର ଜମି ରେ ଚାଷ ପାଇଁ ୫୦ ବର୍ଗ ମିଟର ତଳି ପଟାଳି ପ୍ରସ୍ତୁତ କରନ୍ତୁ। ତଳି ପଟାଳି ୩ମିଟର ଲମ୍ୱା, ୧ ମିଟର ଚଉଡା ଓ ୧୫ ସେମି. ଉଚ୍ଚ ହେବା ଆବଶ୍ୟକ। ବର୍ଷା ଓ ଖରା ରୁ ରକ୍ଷା କରିବା ପାଇଁ ତଳି ପଟାଳି ଉପାରେ ଛାମୁଣ୍ଡିଆ କରନ୍ତୁ। |
| ବନ୍ଧାକୋବି | ବନ୍ଧାକୋବି ତଳି ବର୍ତମାନ ଗଜାରୁ ହେବା ଅବସ୍ଥାରେ ଅଛି। ବନ୍ଧାକୋବି ଚାଷ ପାଇଁ ତଳି ପଟାଳି ପ୍ରସ୍ତୁତ କରି ମଞ୍ଜି ବୁଣନ୍ତୁ । ବନ୍ଧାକୋବି ପାଇଁ ଏକରକୁ ୨୦୦ଗ୍ରାମ ବିହନ ତଳି ପକାନ୍ତୁ. ବନ୍ଧା କୋବି କିସମ Golden acre, Pride of India ଇତ୍ୟାଦି ବ୍ୟବହାର କରନ୍ତୁ । ବିହନ ବୁଣିବା ପୂର୍ବରୁ ଏକ କିଲୋ ମଞ୍ଜି ରେ ୧ଗ୍ରାମ Bavistin ସହିତ ୨ ଗ୍ରାମ Thiram ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ। ଏକ ଏକର ଜମି ରେ ଚାଷ ପାଇଁ ପାଖା ପାଖି ୫୦ ବର୍ଗ ମିଟର ତଳି ପଟାଳି ପ୍ରସ୍ତୁତ କରନ୍ତୁ। ତଳି ପଟାଳି ୩ମିଟର ଲାମ୍ୱା, ୧ ମିଟର ଚଉଡା ଓ ୧୫ ସେମି. ଉଚ୍ଚ ହେବା ଆବଶ୍ୟକ। ବର୍ଷା ଓ ଖରା ରୁ ରକ୍ଷା କରିବା ପାଇଁ ତଳି ପଟାଳି ଉପାରେ ଛାମୁଣ୍ଡିଆ କରନ୍ତୁ। |
| ଫୁଲକୋବି | ଫୁଲ କୋବି ତଳି ବର୍ତମାନ ଗଜା ହେବା ଅବସ୍ଥାରେ ଅଛି । ଫୁଲ କୋବି ଚାଷ ପାଇଁ ତଳି ପଟାଳି ପ୍ରସ୍ତୁତ କରି ମଞ୍ଜି ବୁଣନ୍ତୁ । ଫୁଲ କୋବି ପାଇଁ ଏକରକୁ ୨୦୦ଗ୍ରାମ ବିହନ ତଳି ପକାନ୍ତୁ । ଫୁଲକୋବି କିସମ K-1, Pusa early synthetic and Pusa early Kuanri ଇତ୍ୟାଦି ବ୍ୟବହାର କରନ୍ତୁ । ବିହନ ବୁଣିବା ପୂର୍ବରୁ ଏକ କିଲୋ ମଞ୍ଜି ରେ ୧ଗ୍ରାମ Bavistin ସହିତ ୨ ଗ୍ରାମ Thiram ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ । ଏକ ଏକର ଜମି ରେ ଚାଷ ପାଇଁ ୫୦ ବର୍ଗ ମିଟର ତଳି ପଟାଳି ପ୍ରସ୍ତୁତ କରନ୍ତୁ । ତଳି ପଟାଳି ୩ମିଟର ଲମ୍ୱା, ୧ ମିଟର ଚଉଡା ଓ ୧୫ ସେମି. ଉଚ୍ଚ ହେବା ଆବଶ୍ୟକ । ବର୍ଷା ଓ ଖରା ରୁ ରକ୍ଷା କରିବା ପାଇଁ ତଳି ପଟାଳି ଉପାରେ ଛାମୁଣ୍ଡିଆ କରନ୍ତୁ। |